ଓଡ଼ିଶା ମିଲେଟ୍ସ ମିଶନ ଅଧିନରେ

# କୃଷକ ଉତ୍ପାଦକ

## ସଙ୍ଗଠନର ଅଧିନିୟମ



## ଅଧିନିୟମର ଆବଶ୍ୟକତା:

କ୍ଷୁଦ୍ର ଏବଂ ନାମମାତ୍ର ଚାଷୀ ମାନଙ୍କୁ ଏକତ୍ରିତ କରିବା ସହ ସେମାନଙ୍କୁ ଦରକାରୀ କୃଷି ଉତ୍ପାଦନ ସାମଗ୍ରୀ ଓ ଉତ୍ପାଦିତ ଦ୍ରବ୍ୟର ଉଚିତ୍ ମୂଲ୍ୟ ପ୍ରଦାନ କରିବା ସହ ଚାଷୀମାନଙ୍କ ମୂଲଚାଲ କ୍ଷମତା ବୃଦ୍ଧି କରିବା ।

## କୃଷକ ଉତ୍ପାଦକ ସଙ୍ଗଠନର ଆଇନ୍‌ଗତ ରୂପରେଖ:

କୃଷକ ଉତ୍ପାଦକ ସଙ୍ଗଠନ କର୍ପୋରେଟିଭ୍ ସୋସାଇଟି ଆକ୍ଟ/ମଲ୍ଟି ଷ୍ଟେଟ୍ କୋପରେଟିଭ୍ ସୋସାଇଟି ଆକ୍ଟ, ୨୦୦୨/ସୋସାଇଟି ରେଜିଷ୍ଟ୍ରେସନ ଆକ୍ଟ, ୧୮୬୦/ ଇଣ୍ଡିଆନ୍ ଟ୍ରଷ୍ଟସ୍ ଆକ୍ଟ, ୧୮୮୨/ ଇଣ୍ଡିଆନ୍ କମ୍ପାନୀ ଆକ୍ଟ, ୧୯୫୬ (ସଂଶୋଧିତ ୨୦୧୩) ଅନୁଯାୟୀ ପଞ୍ଜିକୃତ ହୋଇପାରିବେ ।

## ଆଇନ୍‌ଗତ ରୂପରେଖର ପ୍ରାଥମିକତା:

ସମବାୟ ସମିତି ବା କମ୍ପାନୀ ଅଧିନିୟମ ଅଧିନରେ ପଞ୍ଜିକୃତ ହୋଇଥିବା ସଙ୍ଗଠନ ଆଇନ୍‌ଗତ ଦୃଷ୍ଟିକୋଣରୁ ତା'ର ଲାଭାଂଶକୁ କୃଷକ ଉତ୍ପାଦକ ଗୋଷ୍ଠୀ ମଧ୍ୟରେ ବାଣ୍ଟିବ।

## ବ୍ୟବସାୟ ଯୋଜନା:

- ବିଭିନ୍ନ ବ୍ୟବସାୟ ସୁଯୋଗ ଚିହ୍ନଟ କରିବା, ବ୍ୟବସାୟ ଯୋଜନା ପ୍ରସ୍ତୁତ କରିବାର ପ୍ରଥମ ସୋପାନ ଅଟେ।
- କୃଷକ ଉତ୍ପାଦକ ସଙ୍ଗଠନର ଦୀର୍ଘ ସ୍ଥାୟିତ୍ୱ ପାଇଁ ସଙ୍ଗଠନକୁ ସଫଳ ଭାବେ ପରିଚାଳନା କରିବା ଏକ ଗୁରୁତ୍ୱପୂର୍ଣ୍ଣ ଦିଗ ଅଟେ।
- ପ୍ରସ୍ତାବିତ ବ୍ୟବସାୟ ପାଇଁ ଆବଶ୍ୟକୀୟ ପୁଞ୍ଜି ଆକଳନରେ ଏହା ସାହାଯ୍ୟ କରିଥାଏ ।




## ବିତ୍ତୀୟ ପରିଚାଳନା:

- କୃଷକ ଉତ୍ପାଦକ ସଙ୍ଗଠନମାନଙ୍କର ଆର୍ଥିକ ପରିଚାଳନା ହେଉଛି ଏକ ଗୁରୁତ୍ୱପୂର୍ଣ୍ଣ ଦିଗ, ଯାହାକି ସଙ୍ଗଠନମାନଙ୍କର ସଫଳତା ଓ ବିଫଳତାକୁ ନିର୍ଣ୍ଣୟ କରେ ।
- କୃଷକ ଉତ୍ପାଦକ ସଙ୍ଗଠନ'ରେ ପୁଞ୍ଜି ନିବେଶ କରିଥିବା ସମସ୍ତ ସଦସ୍ୟ ଏବଂ ସଙ୍ଗଠନ ସହିତ ଜଡ଼ିତ ଥିବା ସମସ୍ତ ସଦସ୍ୟଙ୍କ ଆର୍ଥିକ ଅନୁଦାନ ହେଉଛି ସଙ୍ଗଠନର ମୂଳ ପୁଞ୍ଜି ।
- କୃଷକ ଉତ୍ପାଦକ ସଙ୍ଗଠନ ଭିତରେ କ୍ଷମତା ବଣ୍ଟନ ପାଇଁ ସମସ୍ତ ସଦସ୍ୟଙ୍କ ଭିତରେ ସମାନ ଭାବରେ ସେୟାର ବଣ୍ଟାଯିବା ଆବଶ୍ୟକ ।

- ଆର୍ଥିକ ପରିଚାଳନାକୁ ସୁଦୃଢ କରିବା ପାଇଁ ହିସାବ ବହିର ରକ୍ଷଣାବେକ୍ଷଣ ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ ।
- ଭାରତ ସରକାରଙ୍କ ଦ୍ୱାରା ନିର୍ଘଣ୍ଟ ସମସ୍ତ ଆର୍ଥିକ ନୀତିନିୟମକୁ ଭିତ୍ତିକରି ଆକାଉଣ୍ଟକୁ ପରିଚାଳନା କରାଯିବାର ଆବଶ୍ୟକତା ରହିଛି ।

## ଆର୍ଥିକ ବ୍ୟବସ୍ଥା:



- କୃଷକ ଉତ୍ପାଦକ ସଂଗଠନର ପୁଞ୍ଜିର ଆବଶ୍ୟକତା, ତାର ଗଠନ ଓ ଆୟତନ ଉପରେ ନିର୍ଭର କରେ ଯାହାକି କୃଷକ ଉତ୍ପାଦକ ସଂଗଠନରୁ ସଂଗଠନକୁ ଭିନ୍ନ ହୋଇପାରେ।
- ଆର୍ଥିକ ନିବେଶ କୃଷକ ଉତ୍ପାଦକ ଗୋଷ୍ଠୀର ସଦସ୍ୟମାନଙ୍କର ବ୍ୟବସାୟ ଓ ସେମାନଙ୍କର ପୁଞ୍ଜି ନିବେଶ ଉପରେ ନିର୍ଭର କରେ । ସଦସ୍ୟମାନଙ୍କର ପୁଞ୍ଜି ନିବେଶ ବାଦ୍ କୃଷକ ଉତ୍ପାଦକ ସଙ୍ଗଠନ ଅନ୍ୟ ସଙ୍ଗଠନ ମାନଙ୍କଠାରୁ ଆର୍ଥିକ ସହାୟତା ପାଇପାରିବେ । ସରକାରଙ୍କ ବିଭିନ୍ନ ଯୋଜନା, ସିଏସ୍ଆର୍ ପାଣ୍ଠି ଓ ବେସରକାରୀ ସଂସ୍ଥା ଠାରୁ ମଧ୍ୟ ଆର୍ଥିକ ନିବେଶର ସୁବିଧା ପାଇପାରିବେ ।
- କୃଷକ ଉତ୍ପାଦକ ସଙ୍ଗଠନକୁ ସମୃଦ୍ଧ କରିବା ପାଇଁ ଓଡ଼ିଶା ମିଲେଟ୍ସ ମିଶନ ଅଧିନରେ କାର୍ଯ୍ୟ କରୁଥିବା କୃଷକ ଉତ୍ପାଦକ ସଙ୍ଗଠନ ଗୁଡିକୁ ୨୧.୧୩ ଲକ୍ଷ ଟଙ୍କାର ଆର୍ଥିକ ସହାୟତା ରାଶି ୩ବର୍ଷ ପର୍ଯ୍ୟନ୍ତ ପ୍ରଦାନ କରାଯିବାର ବ୍ୟୟ ବରାଦ ରହିଛି ।
- କୃଷକ ଉତ୍ପାଦକ ସଙ୍ଗଠନର ମୁଖ୍ୟ ପୁଞ୍ଜି ନିବେଶ ଏହାର ସଦସ୍ୟମାନଙ୍କ ଯୋଗଦାନ ହୋଇଥାଏ, ଯାହାକି କୃଷକ ଉତ୍ପାଦକ ସଂଗଠନର ବ୍ୟବସାୟର ଆୟତନକୁ ବୃଦ୍ଧି କରିବାର ମୁଖ୍ୟ ପୁଞ୍ଜି ହୋଇଥାଏ ।

## କୃଷକ ଉତ୍ପାଦକ ସଙ୍ଗଠନର ପରିବେକ୍ଷଣ:



- କୃଷକ ଉତ୍ପାଦକ ସଙ୍ଗଠନମାନଙ୍କ ବ୍ୟବସାୟିକ ଦକ୍ଷତା ଓ କ୍ରିୟାଶୀଳତା ଅଭିବୃଦ୍ଧି କରିବା ହେଉଛି ଏହାର ଉଦ୍ଦେଶ୍ୟ, ଯାହାଦ୍ୱାରା ଉତ୍ପାଦକମାନେ ସର୍ବାଧିକ ଲାଭ ପାଇପାରିବେ।
- କୃଷକ ଉତ୍ପାଦକ ସଙ୍ଗଠନମାନଙ୍କର କାର୍ଯ୍ୟକଳାପର ପରିବେକ୍ଷଣ ସାଧାରଣତଃ ନିବେଶ ଓ ଉତ୍ପାଦନର ଅନୁପାତ ହିସାବରେ ଯଥା ଲାଭ ମାତ୍ରା ବ୍ୟୟଠାରୁ ଅଧିକ କିମ୍ବା କମ୍ ତାହା ନିରୀକ୍ଷଣ କରାଯାଇଥାଏ।
- କୃଷକ ଉତ୍ପାଦକ ସଂଗଠନ କାର୍ଯ୍ୟକାରିତାର ପରିଚାଳନା ପାଣ୍ଠି ନିବେଶକାରୀ ସଂସ୍ଥା, ବୈଧାନିକ ଅଧିକାରୀ ପ୍ରମୁଖଙ୍କ ଦ୍ୱାରା ନୀରିକ୍ଷଣ କରାଯାଇଥାଏ ।
- ପରିବେକ୍ଷଣର ମାନଦଣ୍ଡ ଓ ରୂପାଙ୍କନ ବ୍ୟବସାୟର ଆୟତନ ଓ କାର୍ଯ୍ୟକ୍ରମ ଉପରେ ନିର୍ଭର କରେ।

## କୃଷକ ଉତ୍ପାଦକ ସଂଗଠନ ପରିଚାଳନା କ୍ଷମତା:



- କୃଷକ ଉତ୍ପାଦକ ସଂଗଠନ ବହୁ ସଂଖ୍ୟକ ସଦସ୍ୟଙ୍କୁ ନେଇ ଗଠିତ ହୋଇଥିଲେ ମଧ୍ୟ ଏହା ସମସ୍ତ ସଦସ୍ୟଙ୍କ ଦ୍ୱାରା ପରିଚାଳିତ ହୋଇନଥାଏ । ଏହା ସଦସ୍ୟମାନଙ୍କ ଦ୍ୱାରା ଚୟନ ହୋଇଥିବା ଓ ନିଯୁକ୍ତି ପାଇଥିବା ବ୍ୟକ୍ତିଙ୍କ ଦ୍ୱାରା ପରିଚାଳିତ ହୋଇଥାଏ ।
- ଆବଶ୍ୟକତା ଅନୁଯାୟୀ ସଦସ୍ୟମାନେ ଜଣେ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ କିମ୍ବା ପରିଚାଳନା ନିର୍ଦ୍ଦେଶକ ଏବଂ ଅନ୍ୟ କର୍ମଚାରୀମାନଙ୍କୁ ନିଯୁକ୍ତ କରିଥାନ୍ତି ।
- ସଂଗଠନର ଦୈନନ୍ଦିନ କାର୍ଯ୍ୟକଳାପର ଦାୟିତ୍ୱ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଓ ପରିଚାଳନା ନିର୍ଦ୍ଦେଶକ ବହନ କରିଥାନ୍ତି ।
- ସଂଗଠନର କାର୍ଯ୍ୟ କାରିତାକୁ ଆଧାର କରି କୃଷକ ଉତ୍ପାଦକ ସଂଗଠନକୁ ନେଇ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ବୈଠକ ଆୟୋଜିତ କରିବାର ଆବଶ୍ୟକତା ରହିଛି ।

## କୃଷକ ଉତ୍ପାଦକ ସଙ୍ଗଠନ ପାଇଁ ପ୍ରୋତ୍ସାହନ ନୀତି:



- କେନ୍ଦ୍ର ସରକାର ଡିଏସି, ଏସ୍ଏଫ୍ଏସି, ଏନ୍ସିଡିସି, ନାଫେଡ୍, ନାବାର୍ଡ ଆଦିଙ୍କ ମାଧ୍ୟମରେ ଦେଶରେ କୃଷକ ଉତ୍ପାଦକ ସଙ୍ଗଠନମାନଙ୍କୁ ସହଯୋଗ ଯୋଗାଇବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଛନ୍ତି ।
- ରାଜ୍ୟସରକାରଙ୍କ ଓଡ଼ିଶା କୃଷକ ସଙ୍ଗଠନ ଅଧିନିୟମ, ୨୦୧୮ ଅନୁଯାୟୀ କୃଷକ ଉତ୍ପାଦକ ସଙ୍ଗଠନମାନଙ୍କୁ ସହାୟତା ଓ ପ୍ରୋତ୍ସାହନ ଯୋଗାଇ ଦିଆଯାଉଛି ।
- ଓଡ଼ିଶା ମିଲେଟ୍ସ ମିଶନ ଅଧିନରେ ରାଜ୍ୟ କୃଷି ଓ ଖାଦ୍ୟ ଉତ୍ପାଦନ ନିର୍ଦ୍ଦେଶାଳୟର ଚିଠି ନଂ ୧୫(୦୮)୦୫/୨୦୧୯-୫୬୮୭ ତାରିଖ ୨୦/୦୨/୨୦୧୯ ମାଧ୍ୟମରେ କୃଷକ ସଂଗଠନ ମାନଙ୍କୁ ପ୍ରୋତ୍ସାହନ ଯୋଗାଇଦେବାର ନିୟମ ରହିଛି ।